**ଯୌତୁକ ପାଇଁ ହତ୍ୟା ଅଭିଯୋଗ**

**ବାସୁଦେବପୁର,(ନାରାୟଣ ପ୍ରସାଦ ବାରିକ୍):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁର ଗ୍ରାମର ସବିତା ବାରିକ୍ ନାମ୍ନୀ ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ ମାରିଦେଇଥିବା କଥିଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ହୋଇଛି। ୬ ବର୍ଷ ପୂର୍ବେ ସବିତାଙ୍କ ବିବାହ ହୋଇଥିଲା। ବିବାହ ପରେ ଅଧିକ ଯୌତୁକ ଦେଢ଼ଲକ୍ଷ ଟଙ୍କା ପାଇଁ ଶାଶୁଘର ଲୋକେ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରିଛନ୍ତି ବୋଲି ମୃତ ସବିତାଙ୍କ ବାପା ଖଗେଶ୍ୱର ପଲେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇ ତଦନ୍ତ ଚଳାଇଛି।



## ଆଜି କ'ଣ କେଉଁଠି

ଭଦ୍ରକ
- ୫-ଟି ଅଧକ୍ଷଙ୍କ ଭଦ୍ରକ ଗସ୍ତ, ସ୍ଥାନ: ଆରଡ଼ି, ଅସୁରାଳି ଓ ନେହେରୁ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୨ଟା ୩୫।

## ୨୯ରେ ଭଦ୍ରକ ଆସିବେ ରାଜ୍ୟପାଳ

ଭଦ୍ରକ, ୨୬।୧୨(ସନାତନ ରାଉତ)

ଆସନ୍ତା ୨୯ ତାରିଖରେ ରାଜ୍ୟପାଳ ରଘୁବର ଦାସ ଦିନିକିଆ ଭଦ୍ରକ ଗସ୍ତ କରିବେ। ଏନେଇ ରାଜଭବନରୁ ଭଦ୍ରକ ଜିଲାପାଳ ଓ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଚିଠି ଆସିଛି। ଏଥିପାଇଁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ବନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାସହ ଭଦ୍ରକ ବ୍ଲକର ବରପଦା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ, ବନ୍ତ ବ୍ଲକ ଓଡ଼ଙ୍ଗ ଗ୍ରାମରେ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା, କାଦବରାଙ୍ଗରେ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା, ଓଲଙ୍ଗ ଆଦର୍ଶ ବିଦ୍ୟାଳୟ ଗସ୍ତ ସମେତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ରହିଛି। ସୁରକ୍ଷା ବ୍ୟବସ୍ଥା ନେଇ ଏସ୍‌ପି ବରୁଣ ଗୁଣ୍ଟୁପାଲି ବରିଷ୍ଠ ପୋଲିସ ଅଧିକାରୀ ଓ ଥାନାଧିକାରୀଙ୍କ ସହ ଆଲୋଚନା କରିଥିବା ଡିଆଇଜି ଡିଏସ୍‌ପି କମଳ ଲୋଚନ ଭୂୟାଁ ସୂଚନା ଦେଇଛନ୍ତି।

## ଜଙ୍ଗଲରୁ ମୃତଦେହ ଜବତ

**ପାଟଣା, ୨୬।୧୨ (ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ପଞ୍ଚାୟତ ଡଳଙ୍ଗ ଗାଁ ନିକଟ ଜଙ୍ଗଲରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଯମୁନା ପଶି ପଞ୍ଚାୟତ ଗୋଡ଼ିପୋଖରୀ ଗାଁର ଚକ୍ରଧର ନାଏକ (୫୧)। ସକାଳୁ ଲୋକେ ଜଙ୍ଗଲ ରାସ୍ତା ଦେଇ ଯାଉଥିବା ସମୟରେ ମୃତଦେହ ପଡ଼ିଥିବା ଦେଖି ତୁରୁମୁଙ୍ଗା ପୋଲିସକୁ ଖବର ଦେଇଥିଲେ। କେନ୍ଦୁଝରରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରି ଫେରିଛି। ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଏସ୍‌ଆଇ ଧନଞ୍ଜୟ ମୁର୍ମୁ କହିଛନ୍ତି। ମୃତ ବ୍ୟକ୍ତିଙ୍କ ଗୋଡ଼ରେ କ୍ଷତ ହୋଇଥିବା ଦେଖିବାକୁ ମିଳିଛି। ସୋମବାର ସନ୍ଧ୍ୟାରେ ସେ ବାଉଁସୁଳି ଛକକୁ ଆସି ଆଉ ଫେରି ନ ଥିଲେ।

## କଂଗ୍ରେସ ନେତାଙ୍କ ପରଲୋକ

**ରାଇରଙ୍ଗପୁର, ୨୬।୧୨(ମାନସ ମହାନ୍ତି):** ମୟୂରଭଞ୍ଜ ଜିଲା ଯାମଦା ବ୍ଲକ ଅଞ୍ଚଳର କଂଗ୍ରେସ ନେତା ଶିବନାଥ ମୁର୍ମୁ (୫୭)ଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ସେ ଯାମଦାସ୍ଥିତ ବିର୍ସା ମୁଣ୍ଡା କଲେଜର ପ୍ରତିଷ୍ଠାତା ତଥା ପରିଚାଳନା କମିଟି ସଭାପତି ଥିଲେ। ଏଥିସହ ସାନକୁଲେଇ ବିଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଏବଂ ସମିତିସଭ୍ୟ ଭାବେ କାର୍ଯ୍ୟ କରିଥିଲେ। ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଓ କର୍ମୀ ମହଲରେ ଶୋକର ଛାୟା ଖେଳିଯାଇଛି।

# ଖୁବ୍ ଶୀଘ୍ର ଖୋଲିବ ଶିମିଳିପାଳ

ବାରିପଦା,୨୬।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ପ୍ରଶାସନର ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଚାଲିଥିବା ରାସ୍ତା ଅବରୋଧ ହଟିଛି। ମୌଳିକ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭକାରୀମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି। ମଙ୍ଗଳବାର ବନ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଫଳପ୍ରଦ ହୋଇଥିବାରୁ ୩୩ ଦିନ ହେଲା ବନ୍ଦ ରହିଥିବା ଶିମିଳିପାଳ ଖୁବ୍ ଶୀଘ୍ର ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବୋଲି ଆଶା ଉଜ୍ଜଳ ହୋଇଛି।

ଉଲ୍ଲେଖଯୋଗ୍ୟ, ୫ ଦଫା ଦାବି ନେଇ ଶିମିଳିପାଳ ବିକାଶ ପରିଷଦ ପକ୍ଷରୁ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଶୀତ ଋତୁରେ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଶିମିଳିପାଳର ଅପରୂପ ଦୃଶ୍ୟ ଦେଖିବାରୁ ବଞ୍ଚିତ ହେଉଥିଲେ। ଏପରିକି ବନ କର୍ମଚାରୀମାନଙ୍କୁ ମଧ୍ୟ ଚଳପ୍ରଚଳ କରିବାକୁ ଆନ୍ଦୋଳନକାରୀମାନେ ବାରଣ କରିଥିଲେ। ଲୋକଙ୍କ ସମସ୍ୟା ଓ ଦାବିକୁ ନେଇ ବନ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନ ଥିଲା। ତେବେ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନର ମିଳିତ ଉଦ୍ୟମରେ ଅତ୍ୟାବଶ୍ୟକ ସମସ୍ୟାଗୁଡ଼ିକର ସମାଧାନ ଲାଗି ପ୍ରଶାସନ ରାଜି ହେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି। ଶିମିଳିପାଳ ଅଭୟାରଣ୍ୟ ଖୋଲିବା ନେଇ ବିଭାଗୀୟ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା ବେଳେ ଖୁବଶୀଘ୍ର ପର୍ଯ୍ୟଟକମାନେ ଶିମିଳିପାଳ ବୁଲିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ହତ୍ୟାକାରୀଙ୍କୁ ଆଜୀବନ ଜେଲ

ବାରିପଦା,୨୬।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ (୧)ଙ୍କ କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସତ୍ୟ ନାରାୟଣ ପାତ୍ର ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୨ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୯ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୈଶିଙ୍ଗା ଥାନା ନୂଆଗାଁ ଗ୍ରାମର ଶ୍ୟାମ ସୁନ୍ଦର ବାରିକ(୬୨)।

ମାମଲାର ବିବରଣୀ ଅନୁଯାୟୀ, ନୂଆଗାଁ ଗ୍ରାମର ଅଭିଯୁକ୍ତ ଶ୍ୟାମ ସୁନ୍ଦର ଏବଂ ମୃତକ ରାଧାକୃଷ୍ଣ ବାରିକଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହିଥିଲା। ୨୦୨୦ ଜାନୁୟାରୀ ୧୬ ସନ୍ଧ୍ୟା ସମୟରେ ଗ୍ରାମର ଏକ ପାନ ଦୋକାନ ସମ୍ମୁଖରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସ୍ଥାନୀୟ ଲୋକେ ବୁଝାଶୁଝା କରିବା ପରେ ଶ୍ୟାମସୁନ୍ଦର ସେଠାରୁ ପଳାଇ ଯାଇ ଗ୍ରାମର ଏକ ସ୍ଥାନରେ ଲୁଚି ରହିଥିଲେ। ଉକ୍ତ ରାସ୍ତାଦେଇ ରାଧାକୃଷ୍ଣ ବାରିକ ଓ ବସନ୍ତ ବାରିକ ଯାଉଥିବା ବେଳେ ଉତ୍କ୍ଷିପ୍ତ ଶ୍ୟାମସୁନ୍ଦର ଏକ ଠେଙ୍ଗାରେ ରାଧାକୃଷ୍ଣଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରାଧାକୃଷ୍ଣଙ୍କୁ ମେଡିକାଲ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆକ୍ରମଣରେ ବସନ୍ତ ଗୁରୁତର ହୋଇଥିଲେ। ଏନେଇ ଅଭିଯୋଗକୁ ଭିତ୍ତିକରି ବୈଶିଙ୍ଗା ପୋଲିସ ଏକ ମାମଲା(ନଂ.୧୨/୨୦) ରୁଜୁ କରି ଅଭିଯୁକ୍ତ ଶ୍ୟାମସୁନ୍ଦରଙ୍କୁ କୋର୍ଟଚାଲାଣ କରିଥିଲା। ଅତିରିକ୍ତ ସରକାରୀ ପିପି କୃଷ୍ଣଚନ୍ଦ୍ର ଦାସ ମାମଲା ପରିଚାଳନା କରୁଥିଲେ।

## ଗବେଷକଙ୍କ ପାଇଁ ନିଷ୍ପତ୍ତି ନେବା ପ୍ରକ୍ରିୟା ସହଜ ହେବ



କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅଧ୍ୟାପିକାଅଧ୍ୟାପକ, ଗବେଷଣାରତ ଛାତ୍ରୀଛାତ୍ର।

ବାଲେଶ୍ୱର, ୨୬।୧୨(ମାନସ ବିଶ୍ୱାଳ)

### ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ସେମ-୨୦୨୩'

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ଦ୍ୱାରା ଦୁଇଦିନିଆ କାର୍ଯ୍ୟକ୍ରମ 'ସେମ-୨୦୨୩' ଆୟୋଜିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଗଠନମୂଳକ ସମୀକରଣ ମଡେ଼ଲିଂ ଏବଂ ବିଶ୍ଳେଷଣ (ଷ୍ଟ୍ରକଚୁରାଲ ଇକ୍ୱେସନ ମଡେ଼ଲିଂ ଆଣ୍ଡ ଆନାଲିସିସ: ସେମ - ୨୦୨୩) କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଓ ଗବେଷକମାନଙ୍କ ଗବେଷଣାତ୍ମକ ନିବନ୍ଧ ଓ ତଥ୍ୟଗୁଡ଼ିକର ଗୁଣବତ୍ତା, ମାନାଙ୍କ ବୃଦ୍ଧି ସହ କାରକ ବିଶ୍ଳେଷଣ ଏବଂ ଏକାଧିକ ରିଗ୍ରେସନ ମିଶ୍ରଣରେ ମଧ୍ୟ ସହାୟକ ହୋଇପାରିବ ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ଯୋଗଦେଇ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିବା ସହ ଏହା ଗବେଷକମାନଙ୍କ ପାଇଁ ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ସହଜ କରିବ ବୋଲି ପ୍ରକାଶ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ର, ଆଇଆଇଆଇଟି ଗୋଆଲିୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ମନୋଜ କୁମାର ଦାଶ ଯୋଗଦେଇଥିଲେ। କର୍ମଶାଳାରେ ଅଂଶଗ୍ରହଣ କରିଥିବା ୩୫ଜଣଙ୍କ ମଧ୍ୟରେ ଅଧ୍ୟାପିକାଅଧ୍ୟାପକଙ୍କ ସହ ଗବେଷଣାରତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ, ସ୍ନାତକ ଅଧ୍ୟୟନରତ ଛାତ୍ରୀଛାତ୍ର ତଥା ଓଡ଼ିଶା, ଛତିଶଗଡ଼ର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାନବ ସମ୍ବଳ ବିକାଶ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ଦେବଦତ୍ତ ଦାସ ସବିଶେଷ ସୂଚନା ଦେବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିସହିତ ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

### ନାବାଳିକା ବଳାତ୍କାର ମାମଲା

## ଦୋଷୀଙ୍କୁ ୨୦ବର୍ଷ ଜେଲ

ବାଲେଶ୍ୱର, ୨୬।୧୨(ମାନସ ବିଶ୍ୱାଳ)

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ମଙ୍ଗଳବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ବର୍ଷ ଜେଲଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରାଯାଇଛି।

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ହୋଲି ସମୟରେ ବଳାତ୍କାର କରାଯାଇଥିଲା। ଛାତ୍ରୀଜଣକ ବିଦ୍ୟାଳୟରେ ହେଉଥିବା ସ୍ୱାସ୍ଥ୍ୟ ପରୀକ୍ଷାରେ ଗର୍ଭବତୀ ଥିବା ଜଣାପଡିଥିଲା। ଏନେଇ ପ୍ରଧାନଶିକ୍ଷୟିତ୍ରୀ ଛାତ୍ରୀଙ୍କ ମା'ବାପାଙ୍କୁ ଡାକି ସମସ୍ତ ବିଷୟରେ ଜଣାଇଥିଲେ। ଏନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ନୀଳଗିରି ଥାନାରେ ମାମଲା (ନଂ. ୨୨୬/୨୩) ରୁଜୁ କରାଯାଇ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇଥିଲା। ୧୪ ଜଣ ସାକ୍ଷୀ ଓ ୨୧ ଦସ୍ତାବିଜ୍‌କୁ ଭିତ୍ତି କରି ଜଜ୍ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଯୋଗାଇଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

## କଲେଜ ଅଧ୍ୟକ୍ଷଙ୍କ ନାଁରେ ମାମଲା

### ଦୁର୍ବ୍ୟବହାର ଅଭିଯୋଗ ଆଣିଲେ ୫ ଅଧ୍ୟାପିକା

**ବାରିପଦା,୨୬।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏମ୍‌ପିସି ଜୁନିୟର କଲେଜ) ଅଧ୍ୟକ୍ଷ ଉକ୍ତ କଲେଜର ୫ ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୭୯୨/୨୩) ରୁଜୁକରି ତଦନ୍ତ ଜାରି ରଖିଛି। ଅଧ୍ୟାପିକାମାନଙ୍କୁ ଜାତିଆଣ ଆକ୍ଷେପ, ମାନସିକ ନିର୍ଯାତନା ଓ ଧମକଚମକ ଦିଆଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି।

ଅଭିଯୋଗ ଅନୁଯାୟୀ, କଲେଜରେ ଅଧ୍ୟାପିକାମାନେ ଦୀର୍ଘଦିନ ଧରି ଶିକ୍ଷାଦାନ କରିଆସୁଛନ୍ତି। ତେବେ କଥା ନ ମାନିଲେ ଅଧ୍ୟକ୍ଷ ସେମାନଙ୍କୁ ଖରାପ ବ୍ୟାବହର ପ୍ରଦର୍ଶନ କରୁଥିବା ବେଳେ କ୍ୟାରିୟର ଖରାପ କରିଦେବାର ଧମକ ଦେଇଚାଲିଛନ୍ତି। ବିଳମ୍ବିତ ରାତିରେ ବିଭିନ୍ନ ଆଳ ଦେଖାଇ ହ୍ୱାଟ୍ସ ଆପ୍ ଯୋଗେ ଅଧ୍ୟାପିକାମାନଙ୍କୁ ମେସେଜ ଦେଇଥାନ୍ତି। କୌଣସି କାର୍ଯ୍ୟ ନ ଥାଇ ଅଧ୍ୟାପିକାମାନଙ୍କୁ ଚାମ୍ବରରେ ଘଣ୍ଟା ଘଣ୍ଟା ବସାଇ ସିସିଆର୍ ଖରାପ କରିଦେବାର ନାଲିଆଖି ଦେଖାଇଥାନ୍ତି। ଏପରିକି ଆଦିବାସୀ ବୋଲି କହି ଗାଳିଗୁଲଜ କରି ମାନସିକ ନିର୍ଯାତନା ଦେଉଥିବା ଅଧ୍ୟାପିକାମାନେ ଏତଲାରେ ଉଲ୍ଲେଖ କରିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନ କହିଛନ୍ତି। ଏ ସଂକ୍ରାନ୍ତରେ କଲେଜ ଅଧ୍ୟକ୍ଷ ଶୁଭଙ୍କର ସାହୁଙ୍କୁ ପଚାରିବାରୁ ଅଭିଯୋଗରେ କୌଣସି ସତ୍ୟତା ନ ଥିବା କହିଛନ୍ତି।

## ଗୀତିନାଟ୍ୟରେ ରାମ, ସୀତାଙ୍କୁ ଅପମାନ

ଭଦ୍ରକ, ୨୬।୧୨(ସନାତନ ରାଉତ)

### ଏସ୍‌ପିଙ୍କୁ ଭେଟି ଅଭିଯୋଗ କଲା ଏବିଭିପି

ଭଦ୍ରକ ଜିଲା ଆଗରପଡ଼ା କଲେଜରେ ଗତ ୨୩ ତାରିଖରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ କଲେଜ ପିଲାଙ୍କ ଦ୍ୱାରା ରାମ ସୀତାଙ୍କୁ ନେଇ ଏକ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଗୀତିନାଟ୍ୟର କିଛି ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଗୀତିନାଟ୍ୟରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଏବଂ ମାତା ସୀତାଙ୍କୁ ଅପମାନ କରାଯାଇଛି ବୋଲି ଏବିଭିପି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଘଟଣା ହିନ୍ଦୁ ଛାତ୍ର ସମାଜକୁ କୁଠାରଘାତ କରିଛି। ବିବାଦୀୟ ନାଟକକୁ ପ୍ରୋତ୍ସାହନ ଦେଇଥିବା କଲେଜ ଅଧ୍ୟକ୍ଷ, ନୋଡାଲ ଅଫିସର, ସାଂସ୍କୃତିକ କମିଟିର ମୁଖ୍ୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଏବିଭିପି ଭଦ୍ରକ ଜିଲା ଶାଖା ପକ୍ଷରୁ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜିଲା ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ବିଭାଗ ସହ ସଂଯୋଜକ ବିଶ୍ୱନାଥ ସୋନୁ ଲାହା, ବିଭୁ କିଶୋର ରାଉତ, ସାଇ ଜୀବନଜ୍ୟୋତି ସାହୁ, ବାପୁନ ମହାପାତ୍ର, ଦୀପକ ବେହେରା, ପ୍ରଶାନ୍ତ ସିଂ, ଓମ୍‌କାର ମହାନ୍ତି, ଶୁଭଙ୍କର ମହାରଣା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଶିଶୁ ଜୀବନ ଗଲା

ରୂପସା, ୨୬।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ମୁଳିଦା ଗ୍ରାମରେ ମଙ୍ଗଳବାର ଗୋପୀନାଥ ବାରିକଙ୍କ ୨ ବର୍ଷର ପୁଅ ଭବେଶ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ପୂର୍ଣ୍ଣିମା ପୂଜା ଅବସରରେ ଭବେଶ ଗାଁ ପାଖ ବାସୁଳୀ ମନ୍ଦିରକୁ କ୍ଷୀରି ଭୋଗ ଖାଇବାକୁ ଯାଇଥିଲେ। ଖାଇସାରି ମନ୍ଦିର ପାଖ ପୋଖରୀକୁ ହାତ ଧୋଇବାକୁ ଯିବା ସମୟରେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ସେ ପୋଖରୀରେ ବୁଡ଼ି ଯାଇଥିଲେ। ପରେ ବହୁ ଖୋଜାଖୋଜି ପରେ ଭବେଶଙ୍କୁ ପୋଖରୀ ମଧ୍ୟରୁ ଗାଁ ଲୋକେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଘଟଣାରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬୦/୨୩) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



**ଢେଙ୍କିକୋଟ,୨୬।୧୨(ନୀଳମଣି ମଣ୍ଡଳ):** କେନ୍ଦୁଝର ଜିଲା ଘଟଗାଁ ବ୍ଲକର ପିପିଳିଆ ଲକ୍ଷ୍ମୀନାରାୟଣ ହାଇସ୍କୁଲ ଖେଳପଡ଼ିଆରେ ମଙ୍ଗଳବାର ପୂର୍ବାହ୍ନରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପିପିଳିଆ ପଞ୍ଚାୟତ ସରପଞ୍ଚ ଗୋଲାପ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଘଟଗାଁ ବ୍ଲକ କାର୍ଯ୍ୟକ୍ରମର ଉପଦେଷ୍ଟା ବୁଦ୍ଧଦେବ ମହାକୁଡ଼ ଓ ମିରଡ଼ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶେଷଦେବ ବେହେରା ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ବହୁ କ୍ରିକେଟ ଦଳ ଏବଂ ଭଲି ଦଳ ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ପରିଚାଳନା କରୁଛନ୍ତି ଶିକ୍ଷକ କାହ୍ନୁ ଚରଣ ସାମଲ। ଶିକ୍ଷକ କୁନାଲ କୁମାର ପଣ୍ଡା, ପ୍ରବୀର କୁମାର ଦେହୁରୀ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପତି ଓ ସରୋଜିନୀ ମୁଦି ସହଯୋଗ କରିଛନ୍ତି। ଗ୍ରାମରୋଜଗାର ସେବକ ପ୍ରକାଶ କୁମାର ବେହେରା, ଭଗବତ ମହାନ୍ତ, ତୁଫାନ ମୁଦୁଲି ଏବଂ ଅକ୍ଷୟ କୁମାର ମହାନ୍ତ ଉପସ୍ଥିତ ଥିଲେ। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ କ୍ରୀଡ଼ା ଜାରି ରହିବ। ଯେଉଁ ଖେଳାଳିମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବେ ସେମାନେ ଜିଲା ସ୍ତରୀୟ କ୍ରୀଡ଼ାରେ ଭାଗନେବେ। ସେଥିରେ କୃତୀ ପ୍ରତିଯୋଗୀ ଜିଲା ସ୍ତରରୁ ରାଜ୍ୟସ୍ତରକୁ ଖେଳିବା ପାଇଁ ଯାଇପାରିବେ ବୋଲି ଉପଦେଷ୍ଟା ମହାକୁଡ଼ କହିଛନ୍ତି।

## ୪ ମନ୍ଦିରରୁ ଚୋରି

**ବୈଶିଙ୍ଗା, ୨୬।୧୨(ରତନ ଦାଶ):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ପଞ୍ଚାୟତର ବିଷ୍ଣୁପୁର ଗ୍ରାମରେ ଥିବା ଲକ୍ଷ୍ମୀନାରାୟଣ ଓ ଶିବ ମନ୍ଦିର, ସର୍ବଣା ଗ୍ରାମର ଶିବ ମନ୍ଦିର, ବ୍ରହ୍ମପୁରା ଗ୍ରାମର ଶିବ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର କବାଟ ଭାଙ୍ଗି କଂସା, ପିତ୍ତଳ ଓ ତମ୍ବା ବାସନକୁସନ ସମେତ ରୂପା ମୂର୍ତ୍ତି ମଧ୍ୟ ଚୋରି କରିନେଇଛନ୍ତି। ମନ୍ଦିରମାନଙ୍କରେ ଲାଗିଥିବା ସିସିଟିଭି କ୍ୟାମେରା ଓ ଏହାର ହାର୍ଡଡିସ୍କକୁ ମଧ୍ୟ ଖୋଲି ନେଇଥିବା ସୂଚନା ମିଳିଛି। ବୈଶିଙ୍ଗା ପୋଲିସ ତଦନ୍ତ ଚଳାଇଥିଲେ ମଧ୍ୟ ଦୁର୍ବୃତ୍ତ କୌଣସି ସୁରାକ ପାଇ ପାରିନାହିଁ। ରାତ୍ରି ପାଟ୍ରୋଲିଂ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ଅଟଳବିହାରୀ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

କେନ୍ଦୁଝର,୨୬।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାରତୀୟ ଜନତା ପାର୍ଟି ନଗର ମଣ୍ଡଳ ଓ ଯୁବମୋର୍ଚ୍ଚା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବିହାରୀ ବାଜପାୟୀଙ୍କ ଜୟନ୍ତୀ ଅବସରରେ କେନ୍ଦୁଝର ମାଇନିଙ୍ଗ ପଡ଼ିଆଠାରେ ଦ୍ୱିତୀୟ ଅଟଳବିହାରୀ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହେଇଯାଇଛି। ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ମୋହନ ମାଝୀ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନଗର ସଭାପତି ବିଶ୍ୱଜିତ ତ୍ରିପାଠୀ, ବିଧାନସଭା ସଂଯୋଜକ ବିବେକାନନ୍ଦ ମହାନ୍ତ, ନଗର ପ୍ରଭାରୀ ଦିଲ୍ଲୀପ ପଣ୍ଡା, ରାଜେନ୍ଦ୍ର ପାତ୍ର, ଦୁର୍ଗା ବାରିକ, ରାଜେନ୍ଦ୍ର ନାଏକ, ପଙ୍କଜ ଦ୍ୱିବେଦୀ, ମନ ସାହୁ, ଯୁଗଳ କିଶୋର ମହାନ୍ତ, ମନ ମିଶ୍ର, ଦୁର୍ଯ୍ୟୋଧନ ସାହୁ, ନଗରର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଯୁବମୋର୍ଚ୍ଚାର ପ୍ରିୟବ୍ରତ ଜେନା, ଅସିତ ନନ୍ଦନ ମହାନ୍ତି ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟ ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାର ବିଭିନ୍ନ ଜାଗାରୁ ଖେଳାଳିମାନେ ଏଥିରେ ଭାଗ ନେଇଛନ୍ତି।




ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

## କଲେଜ ଫାଟକରେ ତାଲା ପକାଇ ଛାତ୍ରଙ୍କ ଆନ୍ଦୋଳନ



ଚାନ୍ଦବାଲି କଲେଜ ଫାଟକ ଆଗରେ ଆନ୍ଦୋଳନରତ ଛାତ୍ରୀଛାତ୍ର।

ଚାନ୍ଦବାଲି,୨୬।୧୨(କିଷାନ ପାତ୍ର)

### ଅନୁଦାନ ହେରଫେର ଅଭିଯୋଗ

'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଚାନ୍ଦବାଲି ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ହେରଫେର କରାଯାଇଥିବା ଅଭିଯୋଗ ଆଣି ଛାତ୍ରୀଛାତ୍ର ମଙ୍ଗଳବାର କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏହାକୁ ନେଇ ଛାତ୍ରୀଛାତ୍ର ଅଧ୍ୟକ୍ଷାଙ୍କ ବିରୋଧରେ ଓ ଅଧ୍ୟକ୍ଷା ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

ମହାବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମ ପାଇଁ ୮ ଲକ୍ଷ ଟଙ୍କା ଅନୁଦାନ ଆସଛି ବୋଲି କହି ଛାତ୍ରୀଛାତ୍ର ହିସାବ ମାଗିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଷ୍ଟାର ସିଙ୍ଗରମାନଙ୍କୁ ଆଣିବା ପାଇଁ ସେମାନେ ଦାବି କରିଥିବା ବେଳେ ବଜେଟ୍ କମ୍ ଥିବାରୁ ଅଧ୍ୟକ୍ଷା ମନା କରିଥିଲେ। ଏଥିରେ ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରି ନାରାବାଜି କରିବା ସହ ଫାଟକରେ ତାଲା ପକାଇ ଦେଇଥିଲେ। ଚାନ୍ଦବାଲି ଥାନା ପୋଲିସ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷା ପ୍ରମୋଦିନୀ ଚକ୍ର କାର୍ଯ୍ୟକ୍ରମ ସରିଲେ ହିସାବ ଦିଆଯିବ ବୋଲି କହିଛନ୍ତି।

## ଜନଶୁଣାଣିରେ ୧୭୨ ଅଭିଯୋଗ

**ବାସୁଦେବପୁର, ୨୬।୧୨(ନାରାୟଣ ପ୍ରସାଦ ବାରିକ୍):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଫିସ୍ ପରିସରରେ ଜିଲା ଓ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୭୨ଟି ଅଭିଯୋଗ ଆଗତ ହୋଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ ଗୁଣ୍ଟୁପାଲି, ସିଡିଏମ୍‌ଓ ଡା. ସନ୍ତୋଷ ପାତ୍ରଙ୍କ ସମେତ ଜିଲାର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବିଡିଓ ସଞ୍ଜୀବ କୁମାର ସାହୁ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କଟକ
ବିଜ୍ଞାପନ
ପତ୍ର ସଂଖ୍ୟା-୧୪୮୪୯/ଅ. ତା.୨୨.୧୨.୨୩
No.D-ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରା, ପିତା-ସ୍ୱର୍ଗତ ରମାକାନ୍ତ ବେହେରା, ଗୋପୀନାଥ ମନ୍ଦିର ନିକଟ, ମାଛୁଆବଜାର, ପୋ-ବକ୍ସିବଜାର, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ନାମରେ କଟକ ଜିଲ୍ଲା ପଟ୍ଟାପୋଲଠାରେ ଥିବା ସରକାରୀ ଦେଶୀ ମଦ ଦୋକାନର ମାଲିକାନା ସ୍ୱତ୍ୱ ତାଙ୍କର ପୁତ୍ର ଶ୍ରୀ ଦୀପକ କୁମାର ବେହେରା, ପିତା-ଜଗନ୍ନାଥ ବେହେରା, ସା-ମାଛୁଆବଜାର, ପୋ-ବକ୍ସିବଜାର, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ନାମରେ ପରିବର୍ତ୍ତନ ହେବାକୁ ଯାଉଅଛି । ଏଣୁ ଏହି ନୋଟିସ୍ ଜରିଆରେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରାଙ୍କର ଏହି ଦୋକାନର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ବିରୁଦ୍ଧରେ କେହି ଦାବିଦାର ଥିଲେ, ଏହି କାର୍ଯ୍ୟାଳୟକୁ ସାତଦିନ ମଧ୍ୟରେ ଜଣାଇବେ । ଉକ୍ତ ତାରିଖ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ।
ଜିଲ୍ଲାପାଳ, କଟକଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./-ଅବକାରୀ ଅଧୀକ୍ଷକ, କଟକ
OIPR-36008/11/0003/2324

## ସଂକ୍ଷେପରେ

### ବହୁ ପ୍ରତିଭାର ଅଧିକାରୀ ଥିଲେ କବି ଲକ୍ଷ୍ମୀଧର

**ଭଣ୍ଡାରିପୋଖରୀ, ୨୬।୧୨ (ରବିନାରାୟଣ ଖିଲାର):** କବି ଲକ୍ଷ୍ମୀଧର କବି ଏକାଧାରରେ ଜଣେ ସାମାଜିକ କର୍ମୀ, ସୁସଂଗଠକ ଓ ରାଜସ୍ୱ ନିରୀକ୍ଷକ ଥିଲେ। ସେ ବହୁ ପ୍ରତିଭାର ଅଧିକାରୀ ଥିଲେ ବୋଲି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ସରସଦା ପଞ୍ଚାୟତ ତୁଳସୀପୁର ଏକବୋଲା ଗ୍ରାମରେ ଅନୁଷ୍ଠିତ ସ୍ମୃତିସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଭାଜପା ନେତା ବଦ୍ରିନାରାୟଣ ଧଳ, ଡ. ସୁଧାଂଶୁ ନାୟକ, କଂଗ୍ରେସ ନେତା ସୁବ୍ରତ କୁମାର ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୀତାମ୍ବର ନାୟକ, ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ବେହେରା, ମହାବିଦ୍ୟାଳୟ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ, ବିଶ୍ୱମ୍ଭର ନାଥ, ନିର୍ମଳ ଚନ୍ଦ୍ର କର, ଶିକ୍ଷାବିତ୍ ନଟବର ରାଉଳ, ଗଦାଧର ସାମଲ, ଗଙ୍ଗାଧର ଦାଶ, କବି ଜଗନ୍ନାଥ ସାମଲ, ରମାକାନ୍ତ ବେହେରା ପ୍ରମୁଖ ଯୋଗଦେଇ କବିଙ୍କ ଗୁଣଗାନ କରିଥିଲେ। ସରପଞ୍ଚ ରଞ୍ଜନ ପରିଡ଼ା, ଭଣଜା ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର, ଖବରଦାତା ଶ୍ୟାମସୁନ୍ଦର ମହାପାତ୍ର, ପ୍ରଶାନ୍ତ ରାଉତ, ଗିରିଶ ସାମଲ ପ୍ରମୁଖ ଯୋଗଦେଇଥିଲେ। ସରୋଜ କବି, ମନୋଜ କବି, ଆଲୋକ କବି, ଦେବେନ୍ଦ୍ର କବି, ଗୋପାଳ କବି, ମାନସୀ କବି ପ୍ରମୁଖ ପରିବାର, ଆତ୍ମୀୟସ୍ୱଜନ ବନ୍ଧୁବାନ୍ଧବ ଓ ଗ୍ରାମବାସୀ ସଭା ସଞ୍ଚାଳନା କରିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ କବି ମୁରଲୀଧର ଦାସ। ପବନ ଚରଣ ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଶୋକ କବି ଧନ୍ୟବାଦ ଅର୍ପଣ କରିଥିଲେ।

### ଗଜସାଥୀଙ୍କୁ ବଣ୍ଟାଗଲା ଉପକରଣ

**ଚମ୍ପୁଆ, ୨୬।୧୨ (ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜର ହାତୀଙ୍କ ଗତିବିଧିକୁ ଲକ୍ଷ୍ୟ କରିବା ଏବଂ ଧନଜୀବନକୁ ସୁରକ୍ଷା ଦେବା ନିମନ୍ତେ ନିଯୁକ୍ତ ହୋଇଥିବା ତଥା ବିଭିନ୍ନ ଗ୍ରାମରେ କାର୍ଯ୍ୟ କରୁଥିବା ଗଜସାଥୀଙ୍କୁ ଚମ୍ପୁଆ ବନ ବିଭାଗ ପକ୍ଷରୁ ମଙ୍ଗଳବାର ଉପକରଣ ବଣ୍ଟନ କରାଯାଇଛି। ଏହି ରେଞ୍ଜରେ ପ୍ରାୟ ୬୦ ଗଜସାଥୀ କାର୍ଯ୍ୟ କରୁଛନ୍ତି। ସେମାନେ ନିୟମିତ ଭାବେ ଗ୍ରାମ ମଧ୍ୟକୁ ପ୍ରବେଶ କରୁଥିବା ହାତୀପଲ ଉପରେ ନଜର ରଖିବା ସହ ବନ ବିଭାଗକୁ ତୁରନ୍ତ ସୂଚନା ଦେବା କାର୍ଯ୍ୟ କରି ଆସୁଛନ୍ତି। ବନ ବିଭାଗ ପକ୍ଷରୁ ସେମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଜୋତା, ଡ୍ରେସ୍ ଓ ଟର୍ଚ୍ଚ ପ୍ରଦାନ କରାଯାଇଛି। ରେଞ୍ଜର ଅକ୍ଷୟ ଛତ୍ରିଆଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ନଗେନ୍ଦ୍ର ଜେନା ରେଞ୍ଜ୍ କାର୍ଯ୍ୟାଳୟଠାରେ ଗଜସାଥୀମାନଙ୍କୁ ଉପକରଣ ପ୍ରଦାନ କରିଛନ୍ତି।

### ମନ୍ଦିରରେ ଦୀପ ପ୍ରଜ୍ୱଳନ

**ଭୋଗରାଇ, ୨୬।୧୨ (ପ୍ରଦୀପ ଦାସ)**

ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ଭୋଗରାଇ ବ୍ଲକରେ ମଙ୍ଗଳବାର ବିଜୁ ଜନତା ଦଳର କର୍ମୀ ଓ ନେତାମାନେ ଓଡିଶା ସୀମାନ୍ତ ସହାବାଜିପୁରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉଦୟପୁର-ତାଳସାରୀ ବେଳାଭୂମିରେ ଗଣଦୌଡ କରିଥିଲେ। ଏହାକୁ ବିଧାୟକ ଅନନ୍ତ ଦାସ ଶୁଭାରମ୍ଭ କରିଥିଲେ। ଚନ୍ଦନେଶ୍ୱରଠାରେ ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପରେ ଥାନାଛକ ସ୍ଥିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଭୋଗରାଇ ହେରମ୍ବ ଚନ୍ଦ୍ର ଏକାଡେମୀରେ ଓଡିଶା ମୋ ପରିବାର ଜୀବନବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିରରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅପରାହ୍ନରେ ଶୋଭାଯାତ୍ରାରେ ସମର୍ଥକମାନେ ହେରମ୍ବ ଚନ୍ଦ୍ର ଏକାଡେମୀ ଖେଳପଡିଆରେ ଏକ ବିଶାଳ ଜନସଭାରେ ଯୋଗ ଦେଇଥିଲେ। ବିଜେଡି ସଭାପତି ରମାକାନ୍ତ କରଣଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଅନନ୍ତ ଦାସ ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରା ଓ ଭୋଗରାଇ ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ଯୋଗୁ ଭୋଗରାଇ ନିର୍ବାଚନମଣ୍ଡଳୀରେ ଯୁଗାନ୍ତକାରୀ ପ୍ରଗତି ଘଟିଛି ବୋଲି ପ୍ରକାଶ କରିଥିଲେ। ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜିଲା ଉପସଭାପତି ତପନ କୁମାର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଭୁବନାନନ୍ଦ ଦାସ ଓ ବ୍ଲକ ସଭାପତି ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ପାଳିଲା ପ୍ରତିଷ୍ଠା ଦିବସ

**ଭଦ୍ରକ/ତିହିଡ଼ି/ଧାମନଗର/ବାସୁଦେବପୁର/ବନ୍ତ,୨୬/୧୨(ସନାତନ ରାଉତ /ସଞ୍ଜିତ ବଳ/ ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆଢ଼ିଆ/ନାରାୟଣ ପ୍ରସାଦ ବାରିକ୍/ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳନ କରାଯାଇଛି। ସକାଳେ ଜିଲା ପାର୍ଟି ଅଫିସରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ବରିଷ୍ଠ ନେତା ଅଜୟ ନାୟକ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲଙ୍କ ସମେତ ବରିଷ୍ଠ ନେତା ଓ କର୍ମୀମାନେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ସେହିପରି ତିହିଡ଼ିରେ ବିଜେଡି ପକ୍ଷରୁ ତିହିଡ଼ି କଲେଜ ଛକରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ପରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଦଳୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟାଳୟରେ ଚାରାରୋପଣ ସହ ତିହିଡ଼ି ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।



ଭଦ୍ରକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଧାମନଗରରେ ଜଳସେଚନ ଡାକବଙ୍ଗଳାଠାରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ କର୍ମୀମାନଙ୍କ ଦ୍ୱାରା ଗଣଦୌଡ଼ ସହ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପରେ ଏନ୍‌ଏସିସ୍ଥିତ ସାଇ କଲ୍ୟାଣ ମଣ୍ଡପଠାରେ ବ୍ଲକ ସଭାପତି ଉମେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ ଡା. ସଞ୍ଜୟ ଦାସ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା ପରିଷଦ ଉପାଧ୍ୟକ୍ଷା ତୁନିବାଳା ବିଶ୍ୱାଳ, ଜିଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ବିଦ୍ୟୁତଲତା ନାୟକ ପ୍ରମୁଖ ପ୍ରମୁଖ ଯୋଗ ଦେଇଥିଲେ।

ବାସୁଦେବପୁରରେ ଯାଦବ ପଡ଼ିଆଠାରୁ ଏକ ଶୋଭାଯାତ୍ରା ବାହାରି ନୀଳମଣି ଟାଉନ ହଲ୍‌ରେ ପହଞ୍ଚିଥିଲା। ଆର୍ଡ୍ରୁ ପଞ୍ଚାୟତର ଭେକ ସୁକ ଉଚ୍ଚ ବିଦ୍ୟାପୀଠଠାରେ ଚାରାରୋପଣ କରାଯାଇଥିଲା। ମୁଖ୍ୟଅତିଥି ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏବଂ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌରାଧ୍ୟକ୍ଷା ନିବେଦିତା ବେହେରା, ବିଧାୟକ ପ୍ରତିନିଧି ଅସିତ ଦାଶ, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ୍, ଜିଲା ପରିଷଦ ସଭ୍ୟ ଯଦୁନାଥ ନାୟକ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ବନ୍ତସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ପଡ଼ିଆରେ ପ୍ରତିଷ୍ଠା ଦିବସ ପାଳନ ଅବସରରେ ୨୫ ପଞ୍ଚାୟତରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ବିଧାୟକ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଯୁବନେତା ସୁବାସ ଦାସ ପରିଚାଳନା କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଦୁର୍ନୀତି ହଟାଇବାରେ ନବୀନ ପଟ୍ଟନାୟକ ଏକ ନମ୍ବର ବୋଲି କହିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ରାଜ୍ୟରେ ୭୦ରୁ ୮୦ ପ୍ରତିଶତ ମହିଳା ଆତ୍ମନିର୍ଭରଶୀଳ ହୋଇପାରିଥିବା କହିଥିଲେ। ଜିଲା ବିଜେଡି ସଭାପତି ସ୍ୱାଇଁ, ପୂର୍ବତନ ବିଧାୟକ ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଟିପୁର ଏବଂ ବଡ଼ମହିଷଗୋଠ ପଞ୍ଚାୟତରୁ କେତେକ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି।

## ଉତ୍ତମ ମଣିଷ ଗଢ଼ିବାକୁ ଉପଯୁକ୍ତ ଶିକ୍ଷା ଜରୁରୀ




ସ୍କୁଲ ବାର୍ଷିକୋତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଧାମନଗର, ୨୬।୧୨ (ଦେବେନ୍ଦ୍ର ଆଢ଼ିଆ)**

ଉପଯୁକ୍ତ ଶିକ୍ଷା ପ୍ରଦାନ ଦ୍ୱାରା ସମାଜରେ ଉତ୍ତମ ମଣିଷ ଗଢ଼ାଯାଇପାରିବ। ଏଣୁ ପ୍ରାଥମିକ ଶିକ୍ଷା ସ୍ତରରୁ ଉତ୍ତମ ଛାତ୍ରୀଛାତ୍ର ଗଢ଼ିବା ପାଇଁ ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଧାମନଗର ବ୍ଲକ ଦୋବଲ କାଳୀପଡ଼ିଆଠାରେ ଏଏମ୍‌ବି ଇଂଲିଶ ମିଡିୟମ ସ୍କୁଲର ୧୫ତମ ବର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ସେକ୍ ଆଜାଦ ଅଲ୍ଲୀଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା ଏବଂ ଅନ୍ୟତମ ଅତିଥି ଭାବେ ଶିକ୍ଷକ ମନୋଜ କୁମାର ସିଂହ, ବିଶ୍ୱରଞ୍ଜନ ରାୟ, ଖବରଦାତା ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ମହେନ୍ଦ୍ର ଜେନା, ପ୍ରମିଳା ଦାସ, ଜୀବନ ଦାସ, ତୟନେମ ରହେମାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଠାକୁରମୁଣ୍ଡା, ୨୬।୧୨ (ତାରାକାନ୍ତ ପଟ୍ଟନାୟକ)**

ଠାକୁରମୁଣ୍ଡା ବଜାରର ବନ୍ଧ ନିକଟ ଏକ ଦୋକାନ ସମ୍ମୁଖରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଠାକୁରମୁଣ୍ଡା ଗ୍ରାମ ହଂସିସାହିର ଶଶୀରଞ୍ଜନ ବେହେରା। ସୋମବାର ରାତିରେ ସେ ସଜ୍ଞାହୀନ ଅବସ୍ଥାରେ ଦୋକାନ ବାରଣ୍ଡାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ ଜାରି ରଖିଛି।

## ପ୍ରତିଷ୍ଠା ଦିବସରେ ଗଣଦୌଡ଼

**ବାଲେଶ୍ୱର, ୨୬।୧୨ (ମାନସ ବିଶ୍ୱାଳ)**

ବାଲେଶ୍ୱର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ୨୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଙ୍ଗଳବାର ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଗାନ୍ଧିସ୍ମୃତି ଭବନରୁ ଏକ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି ଗଣଦୌଡକୁ ବିଧାୟକ ଦାସ ଦଳୀୟ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଗଣଦୌଡ଼ ଡିଆଇସି ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଶେଷ ହୋଇଥିଲା। ଗଣଦୌଡ଼ରେ ମହିଳା ବିଭାଗରେ ସନ୍ଧ୍ୟାରାଣୀ ଜେନା ପ୍ରଥମ, କବିତା ମୁର୍ମୁ ଦ୍ୱିତୀୟ, ରଞ୍ଜିତା ପଣ୍ଡା ତୃତୀୟ ସ୍ଥାନରେ ରହିଥିବା ବେଳେ ପୁରୁଷ ବିଭାଗରେ ସୀତାଂଶୁ ଶେଖର ସେନାପତି ପ୍ରଥମ, ଲକ୍ଷ୍ମୀକାନ୍ତ ମୁର୍ମୁ ଦ୍ୱିତୀୟ, ଈଶ୍ୱର କୁମାର ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରେ ସହରର ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ବାଲେଶ୍ୱର ମୁଖ୍ୟଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ ସହ ବାଲିଘାଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବାଲେଶ୍ୱର : ଗାନ୍ଧୀ ସ୍ମୃତି ଭବନରୁ ବାହାରିଥିବା ଗଣଦୌଡ଼।

ଏହି ଅବସରରେ ଗାନ୍ଧିସ୍ମୃତି ଭବନରେ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡିର ଜିଲା ସାଧାରଣ ସମ୍ପାଦକ ତଥା ଆମ ଓଡ଼ିଶା ନବୀନ ଓଡିଶାର ଜିଲା ସଂଯୋଜକ ରଞ୍ଜନ ବାଗ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ଟାଉନ ବିଜେଡି ସଭାପତି ସନତ ଦାସ, ରାଜ୍ୟ ମହିଳା ଉପସଭାପତି ଶ୍ରଦ୍ଧାଞ୍ଜଳି ରାୟ, ଟାଉନ ମହିଳା ସଭାପତି ମୀନା ମହାନ୍ତି, ସଦର ମହିଳା ସଭାପତି ଜ୍ୟୋତିରାଣୀ ମାଝି, ଜିଲା ପରିଷଦ ସଭ୍ୟା ସୋନାଲି ବିଶ୍ୱାଳ, ଯୁବ ଜୋନାଲ ସାଧାରଣ ସମ୍ପାଦକ ତଥା ମିଡ଼ିଆ ସଂଯୋଜକ ଧୀରେନ ନାୟକ, ବାଲେଶ୍ୱର ନିର୍ବାଚନମଣ୍ଡଳୀ ଯୁବ ସଭାପତି ସେକ ଅନସର, ସଦର ବ୍ଲକ ଯୁବ ସଭାପତି ଦିଲୀପ ମହାନ୍ତି, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି, ବହୁ କାଉନ୍‌ସିଲର, ନିର୍ବାଚନ ମଣ୍ଡଳୀର ସମସ୍ତ ସରପଞ୍ଚ, ସମିତିସଭ୍ୟ, ଦଳୀୟ ନେତୃବୃନ୍ଦ ବକ୍ତବ୍ୟ ଦେଇଥିଲେ। ଜିଲା ବିଜେଡି ସମ୍ପାଦକ ମନୋଜ ରାଉତ ଧନ୍ୟବାଦ ଦେଇଥିଲେ।

### କେନ୍ଦୁଝର

**କେନ୍ଦୁଝର, ୨୬।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):** କେନ୍ଦୁଝର ସଦର ବ୍ଲକ ପଦ୍ମପୁର ପଞ୍ଚାୟତ ଯୋଗୀମଠଠାରେ ଜିଲା ସଭାପତି ମାଧବ ସର୍ଦ୍ଦାରଙ୍କ ନେତୃତ୍ୱରେ ବିଜେଡିର୍ ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ମୁଖ୍ୟ ବକ୍ତା ଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁ, ପୂର୍ବତନ ନଗରପାଳ ମୀନା ମାଝୀ, କେନ୍ଦୁଝରଗଡ ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡ଼ା, ୪ନଂ. ଜୋନ୍ ଜିଲାପରିଷଦ ସଦସ୍ୟା ଲିଳାବତୀ ମହାନ୍ତ, ୫ନଂ. ଜୋନ ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ୧୭ନଂ. ଜୋନ ଜିଲା ପରିଷଦ ସଦସ୍ୟା ଦକ୍ଷୀରୋଦିନୀ ମହାକୁଡ, ୧୫ନଂ. ଝୁମ୍ପୁରା ବ୍ଲକ ସୋମବାରୀ ମାଝୀ, ନାରୀନେତ୍ରୀ ସୁରଥି ଘଣା ଓ ସୁଶିଳା ସେଠୀ, ପ୍ରମୋଦ ପଟ୍ଟନାୟକ, ଯୁବ ସଂଗଠକ ତଥା କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘର ସାଧାରଣ ସମ୍ପାଦକ ସୂର୍ଯ୍ୟ ନାରାୟଣ କର ପ୍ରମୁଖ ଯୋଗଦେଇଥିଲେ। ବିଜେଡିକୁ କିପରି ଆଗାମୀ ସାଧାରଣ ନିର୍ବାଚନରେ ସୁଦୃଢ଼ କରାଯାଇ ପାରିବ ସେନେଇ ଦଳୀୟ କର୍ମୀଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ଏକ ଗଣ ଦୌଡ଼ ଅନୁଷ୍ଠିତ ହୋଇଥିଲା। ବିଜୁ ଛକ ନିକଟରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ବାରିପଦା, ୨୬।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ):** ମୟୂରଭଞ୍ଜ ଜିଲା ବିଜେଡି ପକ୍ଷରୁ ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବାରିପଦା ବିଜୁ ପଟ୍ଟନାୟକ ଗୋଲାଇସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତା ଓ କର୍ମୀ ମାଲ୍ୟାର୍ପଣ କରିବା ପରେ ବିଜୁ ଭବନଠାରେ ଆୟୋଜିତ ପ୍ରତିଷ୍ଠା ସମାରୋହରେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାର୍ଣ୍ଡି, ନବୀନ ଓଡ଼ିଶାର ଜିଲା ସଂଯୋଜକ ସୁନୀଲ ଦାଶ, ଜିଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବାରିପଦା ନିର୍ବାଚନୀ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, ବାରିପଦା ପୌରପାଳିକା ଉପ-ନଗରପାଳ ସୀମା ଦାସ, ଯୁବ ସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ କୁମାର ନାୟକଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର



ସିମୁଳିଆ ନିର୍ବାଚନମଣ୍ଡଳୀର ଏକ ବିଦ୍ୟାଳୟରେ ଆୟୋଜିତ ରକ୍ତଦାନ ଶିବିର।

**ଖଇରା, ୨୬।୧୨ (ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ସମେତ ସିମୁଳିଆଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ଖଇରା ଦୁର୍ଗାମଣ୍ଡପରୁ ବଣପାରିଆ ଛକ ପର୍ଯ୍ୟନ୍ତ ଗଣଦୌଡ ଆୟୋଜନ କରାଯାଇଥିଲା। ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବ୍ଲକ ବିଜେଡି ଯୁବ ସଭାପତି ରାଜେନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ମାନସ ଦାଶ ଓ ରାଧାକାନ୍ତ ପାତ୍ରଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ଦୌଡରେ ସାମିଲ ହୋଇଥିଲେ। ପରେ ଖଇରା ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜୀବନବିନ୍ଦୁର ସଂଯୋଜକ ପ୍ରହ୍ଲାଦ ପତିଙ୍କ ନେତୃତ୍ୱରେ ୫୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବ୍ଲକ ସଭାପତି ବ୍ରଜକିଶୋର ମହାନ୍ତିଙ୍କ ପୌରୋହିତ୍ୟରେ ଅଡାଠାରେ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା।

## ଜଗନ୍ନାଥ ମନ୍ଦିର ନିକଟରେ ଏକାଠି ହେଲେ ନେତା ଓ କର୍ମୀ

**ମୋରଡ଼ା, ୨୬।୧୨ (ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚିତ୍ରଡ଼ାଠାରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦଳୀୟ ନେତା ଓ କର୍ମୀ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟ ପଡ଼ିଆରେ ଏକାଠି ହୋଇଥିଲେ। ସ୍ଥାନୀୟ ବିଧାୟକ ରାଜକିଶୋର ଦାସ, ମୋରଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ କୃଷ୍ଣାନନ୍ଦ ମହାନ୍ତି, ମୋରଡ଼ା ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ, ରାସଗୋବିନ୍ଦପୁର ବ୍ଲକ ଅଧ୍ୟକ୍ଷା ପାର୍ବତୀ ହାଁସଦା, ଶୁଳିଆପଦା ବ୍ଲକ ଅଧ୍ୟକ୍ଷା ପାନମଣି ସୋରେନ, ଜିଲାପରିଷଦ ସଭ୍ୟ ଅଭିରାମ ଭୋଇ, ସଭ୍ୟା ମିନାକ୍ଷୀ ସୋରେନ, ଝରଣା ମୁର୍ମୁ, ମୋରଡ଼ା ବ୍ଲକ ଯୁବ ବିଜେଡି ସଭାପତି ସମୀର ବେହେରା, ବିଷ୍ଣୁପ୍ରିୟା ଦାସ, ବିଦ୍ୟୁତ୍ ପ୍ରଭା ବେହେରା ଯୋଗଦେଇ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୋରଡ଼ା, ରାସଗୋବିନ୍ଦପୁର ଏବଂ ଶୁଳିଆପଦା ବ୍ଲକର କର୍ମୀ ଯୋଗଦେଇଥିଲେ।



ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତାମାନେ।

### ଜଳେଶ୍ୱର ନିର୍ବାଚନମଣ୍ଡଳୀ

## ସମାନ୍ତରାଳ ସମାବେଶ

**ରାଇବଣିଆ, ୨୬।୧୨ (ନବୀନ ସାହୁ)**

ଜଳେଶ୍ୱରରେ ଦୁଇଟି ସ୍ଥାନରେ ବିଜେଡି ପ୍ରତିଷ୍ଠା ଦିବସ ପାଳନ ଦେଖିବାକୁ ମିଳିଥିଲା। ରୟାରାମଚନ୍ଦ୍ରପୁରର କୁଞ୍ଜ ପଡ଼ିଆରେ ବ୍ଲକ ବିଜେଡି ସଭାପତି ଦିଲୀପ ସାମଲ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇଥିବାବେଳେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷ ସଞ୍ଚିତା ସେନାପତି, ଜଳେଶ୍ୱର ପୌରପାଳିକା ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, ଜିଲାପରିଷଦ ଉପାଧ୍ୟକ୍ଷ ଅନସୂୟା ପ୍ରଧାନଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ସକାଳେ ଏକ ଗଣଦୌଡ଼ ପ୍ରତିଯୋଗିତା, ବାଇଗଣ ବାଡ଼ିଆ ପଞ୍ଚାୟତର ପାଳସାହିଠାରେ ରକ୍ତଦାନ ଶିବିର ଓ ତପୋବନ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାବେଶରେ ବାଲିଆପାଳ ଗଡ଼ସାହି ସରପଞ୍ଚ ଧ୍ରୁବ ଜ୍ୟୋତି ଗିରି, ସୁଗର ସଦସ୍ୟ ଅନିତା ମହାନ୍ତି ଏବଂ କୋଟସାହି ପଞ୍ଚାୟତର ଅଶୋକ ପରିଡ଼ା ନିଜର ସମର୍ଥକଙ୍କ ସହିତ ଭାଜପା ଛାଡ଼ି ବିଜେଡିରେ ମିଶିଥିଲେ। ସମାବେଶରେ ୨ହଜାର କର୍ମୀ ଏକାଠି ହୋଇଥିଲେ।

ଅପରପକ୍ଷେ ଜଳେଶ୍ୱର ଟାଉନହଲ ପଡ଼ିଆଠାରେ ଆୟୋଜିତ ସଂକଳ୍ପ ସମାବେଶରେ ଦଳରୁ ନିଲମ୍ବିତ ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ଯୁବନେତା କାଳିଚରଣ ଦାସ, ଚନ୍ଦନ କର, ରାସ ବିହାରୀ ରଣା, ସତ୍ୟଶୋଭନ ମିଶ୍ରଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। ସମାବେଶ ପୂର୍ବରୁ ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ବ୍ରଜମୋହନ କହିଛନ୍ତି, ବିଜେଡି ଦଳ ଗଠନ ବେଳୁ ଅଛି, ଦଳ ଯଦି ମୋ କଥା ବିଚାର ନ କରେ ତାହାଲେ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବି।

ଜଳେଶ୍ୱର ସଂକଳ୍ପ ସମାବେଶ ସମ୍ପର୍କରେ ବ୍ଲକ ସଭାପତି ଦିଲ୍ଲୀପ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି ଅନ୍ୟତ୍ର କେଉଁଠି ସମାବେଶ ହେଉଛି ସେ ସୂଚନା ଆମ ପାଖରେ ନାହିଁ। ବ୍ରଜମୋହନ ପ୍ରଧାନ ଦଳରୁ ନିଲମ୍ବିତ ହୋଇଛନ୍ତି। ସେହି ସମାବେଶକୁ ନେଇ ଆମର କୌଣସି ଅସୁବିଧା ହେବ ନାହିଁ।

# ପୃଥକ୍ ଭାବେ ପାଳିଲେ ପ୍ରତିଷ୍ଠା ଦିବସ



ବାଲିଆପାଳ ବିଜେଡିର ଗଣଦୌଡ଼

**ବାଲିଆପାଳ ୨୬।୧୨ (ଗୋପାଳଚନ୍ଦ୍ର ସାହୁ)**

ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ସାରା ରାଜ୍ୟରେ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ବାଲିଆପାଳଠାରେ ବିଜେଡ଼ିର ଦୁଇ ଗୋଷ୍ଠୀ ପକ୍ଷରୁ ପୃଥକ ଭାବେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ନେତୃତ୍ୱ ଏବଂ ଯୁବନେତା ରବୀନ୍ଦ୍ର ଆଣ୍ଡିଆଙ୍କ ତତ୍ତ୍ୱାବଧାନରେ ରେମୁ ଛକରୁ ଏକ ବିରାଟ ସାଇକେଲ ଶୋଭାଯାତ୍ରା ବାହାରି ବାଲିଆପାଳ ବସ୍‌ଷ୍ଟାଣ୍ଡରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟପକ୍ଷରେ ରାଜ୍ୟ ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନେତୃତ୍ୱରେ ବାଲିଆପାଳ ହନୁମାନ ମନ୍ଦିର ନିକଟସ୍ଥ ଦଳୀୟ କାର୍ଯ୍ୟାଳୟଠାରୁ ଏକ ଗଣଦୌଡ ଆରମ୍ଭ ହୋଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଉଭୟ ଗୋଷ୍ଠୀ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ନବୀନ ସରକାରଙ୍କୁ ଜିତାଇବା ତଥା ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ଦଳ ପାଇଁ କାର୍ଯ୍ୟ କରିବାକୁ ବିଜେଡ଼ି ହାଇକମାଣ୍ଡଙ୍କ ନିର୍ଦ୍ଦେଶକ୍ରମେ ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ଶପଥପାଠ କରାଇଥିଲେ। ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ଅସ୍ତି ସରପଞ୍ଚ ପ୍ରତିନିଧି ହରେକୃଷ୍ଣ ଜେନା, ବେତଗଡ଼ିଆ ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ଗିରି, ପ୍ରତାପପୁର ସରପଞ୍ଚ କସ୍ତୁରୀବାଳା ପାତ୍ରଙ୍କ ସହିତ ଶତାଧିକ ଦଳୀୟ କର୍ମୀ ନେତାଙ୍କ ସହିତ ସମସ୍ତ ପଞ୍ଚାୟତ ସଭାପତି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ବିଧାୟକ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସାଇକେଲ ଶୋଭାଯାତ୍ରାରେ ବସ୍ତାର ବିଜେଡି ନେତା ମହାଦେବ ଦାସ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି, ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନା, ବାଲିଆପାଳ ସରପଞ୍ଚ ବନଲତା ଦାସ, ମଧୁପୁରା ସରପଞ୍ଚ ଗୀତାରଣୀ ମାହାନା, ନିଖିରା ସରପଞ୍ଚ ଅଞ୍ଜନ କୁମାର ଗିରି, କୁମ୍ଭାରୀ ସରପଞ୍ଚ ପଙ୍କଜିନୀ ମହାପାତ୍ର, ଘଣ୍ଟୁଆ ସରପଞ୍ଚ ସୁଶୀଲ ପ୍ରଧାନ, ବୋଲଙ୍ଗ ସରପଞ୍ଚ ଜ୍ୟୋତ୍ସ୍ନା ମଲ୍ଲିକଙ୍କ ସହିତ ବହୁ ଦଳୀୟ ନେତା, କର୍ମୀ ରାଲିରେ ଯାଇ ବାଲିଆପାଳ ବସଷ୍ଟାଣ୍ଡରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତେବେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ କର୍ମୀମାନେ ନିଜ ନିଜ ନେତାଙ୍କ ନାମରେ ଜିନ୍ଦାବାଦ କହି ଶକ୍ତି ପ୍ରଦର୍ଶନ କରିବା ବେଶ୍ ରୋଚକ ମୋଡ଼ ନେଇଥିଲା।

### ନୀଳଗିରିରେ ୨ ଗୋଷ୍ଠୀ

**ନୀଳଗିରି, ୨୬।୧୨ (ପ୍ରଶାନ୍ତ ବିଶ୍ୱାଳ):** ସେହିପରି ନୀଳଗିରିରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଦୁଇ ଗୋଷ୍ଠୀ ସମାନ୍ତରାଳ ଭାବେ ମାଲ୍ୟାର୍ପଣ କରାଯାଇଥିଲା।

ସୂଚନାଯୋଗ୍ୟ, ମଙ୍ଗଳବାର ନୀଳଗିରି ବିଜେଡି ପକ୍ଷରୁ ଗଣଦୌଡ଼, ନୀଳଗିରି ବାଇପାସ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ରୋଗୀ ସେବାକାର୍ଯ୍ୟ କରାଯାଇଥିଲା। ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ବ୍ଲକ ବିଜେଡି ସଭାପତି ବିଜୟ ଲେଙ୍କା, ଯୁବନେତା ଉଦୟ ମହାନ୍ତି ସମେତ ବହୁ ଯୁବକର୍ମୀ ଉପସ୍ଥିତ ଥିଲେ। ସମାନ୍ତରାଳ ଭାବେ ବାଲେଶ୍ୱର ଜିଲା ବିଜେଡ଼ି ଉପ-ସଭାପତି ସନ୍ତୋଷ ଖଟୁଆ ନେତୃତ୍ୱରେ ଜିଲା ପରିଷଦ, ବ୍ଲକ ଅଧ୍ୟକ୍ଷା, ଏନ୍‌ଏସି ଅଧ୍ୟକ୍ଷା ସମେତ ବହୁ ମହିଳା ଓ ଯୁବ କର୍ମୀଙ୍କ ଦ୍ୱାରା ମଧ୍ୟ ପ୍ରତିଷ୍ଠା ଦିବସ ପାଳନ ହୋଇଥିବା ଦେଖିବାକୁ ମିଳିଛି।

